## ଗୋରୁ ବୋଝେଇ ଗାଡ଼ି ଧରି ପୋଲିସ ଜିମା

ଭଣ୍ଡାରିପୋଖରୀ, (ଡି.ଏନ.ଏ)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଚନ୍ଦ୍ରଭାନୁପୁର ନିକଟ ହାଇଲେଭଲ କେନାଲ ରାସ୍ତାରେ ରବିବାର ବେଆଇନ ଗୋରୁ ପରିବହନ ହେଉଥିବା ଏକ ଗାଡ଼ିକୁ ସ୍ଥାନୀୟ ବଜରଙ୍ଗୀ ଦଳର ସଦସ୍ୟମାନେ ଅଟକାଇ ପୋଲିସ ଜିମା ଦେଇଛନ୍ତି। ଦଳର ସଦସ୍ୟ କାର୍ତ୍ତିକ ଜେନାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୧/୨୨) ରୁଜୁ କରାଯାଇଛି। ଉଦ୍ଧାର ଗୋରୁଙ୍କୁ ମଇତାପୁର ଗୋଶାଳାକୁ ପଠାଯାଇଛି। ପିକ୍‌ଅପ୍ ଚାଳକ ଓ ସହଯୋଗୀଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ କରୁଛି।

### ସଂକ୍ଷେପରେ

## ବାଲେଶ୍ୱର ଜିଲାରେ ପ୍ରଥମ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ

ସିମୁଳିଆ,୨।୧(ଡି.ଏନ.ଏ.)- ବାଲେଶ୍ୱର ଜିଲାରେ ପ୍ରଥମ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସିମୁଳିଆ ବ୍ଲକ ଅଞ୍ଚଳର ଏହି ବ୍ୟକ୍ତି ଜଣକ ଓମାନ ଫେରନ୍ତା ବୋଲି ସୂଚନା ମିଳିଛି। ତାଙ୍କର ଚିକିତ୍ସା ଚାଲିଛି ଓ ତାଙ୍କ ସଂସ୍ପର୍ଶରେ ଆଉ କିଏ ଆସିଛନ୍ତି ସେ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଥ୍ୟ ସଂଗ୍ରହ କରାଯାଉଛି। କିଛି ଦିନ ତଳେ ସେ ଓମାନରୁ ଫେରି ଅସୁସ୍ଥ ହୋଇ ପଡ଼ିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ପ୍ରକାଶ ପାଇଛି।

## ମାର୍କୋଣା ଷ୍ଟେଶନ ବଜାରରୁ ଚୋରି

ସିମୁଳିଅ,୨।୧(ଡି.ଏନ.ଏ.)- ପୋଲିସ ଉପସ୍ଥିତିରେ ଚୋରି ଘଟଣା ସିମୁଳିଆ ବ୍ଲକର ମାର୍କୋଣା ଷ୍ଟେଶନ ବଜାରରେ ଚର୍ଚ୍ଚାର ବିଷୟ ହୋଇଛି। ଶନିବାର ବିଳମ୍ବିତ ରାତିରେ ମାର୍କୋଣା ଷ୍ଟେଶନ ବଜାରର ଅନନ୍ତ ପଣ୍ଡାଙ୍କ ପାନ ଦୋକାନର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ନଗଦ ୨ହଜାର ଟଙ୍କା ସମେତ ବିସ୍କୁଟ, ମିଶ୍ଚର ଇତ୍ୟାଦି ଲୁଟି ନେଇଛନ୍ତି। ସୂଚନାଯୋଗ୍ୟ, ପ୍ରତ୍ୟେକ ଦିନ ପୋଲିସ ପ୍ରଶାସନ ପକ୍ଷରୁ ମାର୍କୋଣା ଛକ ଓ ଷ୍ଟେଶନ ବଜାରରେ ହୋମଗାର୍ଡମାନଙ୍କୁ ନିୟୋଜିତ କରାଯାଉଛି। ତେବେ ବଜାରରେ ପୋଲିସ କର୍ମଚାରୀଙ୍କ ଉପସ୍ଥିତି ସତ୍ତ୍ୱେ ଚୋରି ହେବା ଘଟଣା ଦୁଃଖର ବିଷୟ ବୋଲି କମିଟିର ମୁଖ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି।

## ଜୋନସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

କପ୍ତିପଦା,୨।୧(ଡି.ଏନ.ଏ.)- ଉଦଳା ନିର୍ବାଚନ ମଣ୍ଡଳୀର କପ୍ତିପଦା ବ୍ଲକ୍ ଯାତ୍ରା ପଡ଼ିଆରେ ଜୋନ୍‌ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ସୁବାଷ ଚନ୍ଦ୍ର ସାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଶିଷ୍ଟ ଅତିଥିଭାବେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ୍, ସମ୍ମାନିତ ଅତିଥିଭାବେ ରାଜ୍ୟ ଉଠାଜଳସେଚନ ନିଗମର ଅଧକ୍ଷ ଅମରେଶ ପତ୍ରୀ, ପୂର୍ବତନ ଜିଲା ସମ୍ପାଦକ ପ୍ରବୀର ଚନ୍ଦ୍ର ସାଏ, ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ଜେନା, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଜିଲା ମହିଳା କାର୍ଯ୍ୟକାରୀ ସଭାପତି ସବିତା ହାଁସଦା, ଜିଲା ଯୁବ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ୍ ଉପାଧକ୍ଷ ନୀଳମାଧବ ପାତ୍ର ଓ ସୁମନ୍ତ ମହାନ୍ତିଙ୍କ ନେତୃତ୍ୱରେ ୧୭ଟି ପଞ୍ଚାୟତର ବିଭିନ୍ନ ଦଳରୁ ଆସିଥିବା ହଜାରେରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ସିରୁ ସୋରେନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଘରକୁ ଘର ବୁଲି ସଚେତନତା

ବାରିପଦା ଅଫିସ,୨।୧-ବର୍ଷା ଜଳ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଲାଗି ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ସଚେତନତା ବାର୍ତ୍ତା ଦେଇଛନ୍ତ। ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଡୁମୁରଡିହା ପଞ୍ଚାୟତ ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଛାତ୍ରୀମାନେ ଏକ ରାଲିରେ ବାହାରି ବିଭିନ୍ନ ଗ୍ରାମକୁ ଯାଉଛନ୍ତି। ନାଟକ ମାଧମରେ ଲୋକମାନଙ୍କୁ ଜଳ ସଂରକ୍ଷଣ ଓ ବୃକ୍ଷ ରୋପଣ ସମ୍ପର୍କରେ ପରାମର୍ଶ ଦେଉଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସାମିଲ ହୋଇଥିବା ବେଳେ ଶ୍ରୀକୃଷ୍ଣ ନାୟକ ଏହାକୁ ପରିଚାଳନା କରୁଛନ୍ତି।

# ଚାଷ ଜମିକୁ ଭୂତଳ ଜଳଯୋଗାଣ

**ଖଇରା, ୨।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ଓ ଔପଦା ବ୍ଲକର ଭୂତଳ ପାଇପ ମାଧମରେ ଚାଷଜମିକୁ ଜଳସେଚନ କରିବା ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି । ଆନନ୍ଦପୁର ବ୍ୟାରେଜର ସାଳନ୍ଦୀ ବାମପାର୍ଶ୍ୱ ଆମ୍ବହତା ମୁଖ୍ୟକେନାଲ ସଂଲଗ୍ନ ୨୨ ପଞ୍ଚାୟତର ୧୩୨ଗୋଟି ଗ୍ରାମ ଏଥିରେ ଉପକୃତ ହେବା ନେଇ ଡିଭିଜନର ଯନ୍ତ୍ରୀମାନେ ପ୍ରକାଶ କରିଛନ୍ତି । ମୋଟ ୯ହଜାର ୮୦୩ ହେକ୍ଟର ଚାଷଜମିକୁ ପାଣି ମାଡିବାର ଯୋଜନା ରହିଛି । ୧୮ମାସ ମଧ୍ୟରେ ଶେଷ ହେବାକୁ ଥିବା ଏଭଳି ଯୋଜନାକୁ ନେଇ ଖଇରା ଔପଦାର ଚାଷୀମାନେ ଉତ୍ସାହିତ ହୋଇପଡିଛନ୍ତି। ଏଭଳି ଯୋଜନା ଅନିୟମିତ ପାଣିପାଗ ଯୋଗୁ ବିତସ୍ପୃହ ହୋଇପଡିଥିବା ଚାଷୀମାନଙ୍କ ପାଇଁ ସଞ୍ଜୀବନୀ ଭଳି କାମ କରିବ ବୋଲି ଉଭୟ ବ୍ଲକର ଚାଷୀମାନେ ପ୍ରକାଶ କରିଛନ୍ତି। ଏହି ୨ ବ୍ଲକର ଚାଷୀମାନେ ଧାନ ଓ ପରିବା ଚାଷ ପାଇଁ ପ୍ରାୟତଃ ବର୍ଷାଜଳ ଉପରେ ନିର୍ଭର କରିଥାନ୍ତି । କ୍ରମାଗତ କିଛି ବର୍ଷ ଧରି କମ୍ ବୃଷ୍ଟିପାତ ଯୋଗୁ ଆଶାନୁରୂପ ଅମଳ ମିଳୁ ନ ଥିଲା। ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଚାଷୀମାନେ ବହୁଦିନରୁ ଦାବି କରିଆସୁଥିଲେ। ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉକ୍ତ ଜମିକୁ ଦୁଇ ବ୍ଲକର କ୍ଷତି ସହୁଥିବା ଚାଷୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ପାଇଁ ଉଦ୍ୟମ ଜାରି ରଖିଥିଲେ। ଘୋଷଣା ଅନୁଯାୟୀ ଖଇରା ବ୍ଲକର ନୟାଖଣ୍ଡି, ଖଇରା, ଗୋବିନ୍ଦପୁର, ମହତୀପୁର, ସାରଡାଙ୍ଗ, ନନ୍ଦୁର, ପଳସା, ସାରୁଗାଁ, ଡୁଙ୍ଗୁରା, ଶ୍ୟାମସୁନ୍ଦରପୁର, କୁରୁଣ୍ଟା, ଉଗରପଡା, ଅଚ୍ୟୁତପୁର, ଜଳଦା, ଗଗନଧୂଳି, ମାଖନପୁର ଆଦି ପଞ୍ଚାୟତ ଏବଂ ଔପଦା ବ୍ଲକର ଫତେପୁର, ତଳକିଆ, ରାଇରାମଚନ୍ଦ୍ରପୁର, ଗଡସାହି, ବାଉଁଶବଣିଆ ଓ ଅଘିରାପଦା ଆଦି ପଞ୍ଚାୟତ ଉପକୃତ ହେବେ। ୧୪୭ମିଟର ଦୈର୍ଘ୍ୟ ବିଶିଷ୍ଟ ଭୂତଳ ପାଇପ ବିଛା କାର୍ଯ୍ୟ ପାଇଁ ପାଖାପାଖି ୨୩୦କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଡିଭିଜନ ତରଫରୁ ସୂଚନା ଦିଆଯାଇଛି। ଆମ୍ବହତା କେନାଲର ୧୬.୦୮କି.ମି.ରୁ ୩୦.୫୪୭କି.ମି. ମଧ୍ୟରେ ଥିବା ୧୨ଟି ଡିଷ୍ଟ୍ରିବ୍ୟୁଟର ଏବଂ ମାଇନରରୁ ଏହି ପାଇପ ସଂଯୋଗ କରାଯିବ। ଏଭଳି ଯୋଜନା ନିରୁତ୍ସାହିତ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କର ଅମଳ ଅଧିକ ହେବ ବୋଲି ଔପଦା ତଳକିଆ ପଞ୍ଚାୟତ ଚାଷୀ ଜଗବନ୍ଧୁ ଗାହାଣ ଓ ଭରତ ଚନ୍ଦ୍ର ପ୍ରଧାନ କହିଛନ୍ତି। ଚଳିତବର୍ଷ ବିଳମ୍ବିତ ବର୍ଷା ଯୋଗୁ ବହୁ ଜମି ପଡିଆ ପଡିଥିଲା । ଏଭଳି ପ୍ରକଳ୍ପ ଘୋଷଣା ଚାଷୀଙ୍କ ମନରେ ନୂଆ ଆଶା ସଞ୍ଚାର କରୁଛି ବୋଲି ମାଖନପୁର ପଞ୍ଚାୟତର ଚାଷୀ ନାରାୟଣ ବେହେରା କହିଛନ୍ତି।




ପ୍ରସ୍ତାବିତ ପ୍ରକଳ୍ପର ପ୍ରସ୍ତୁତ ନକ୍ସା।

## ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ

**ଖଇରା,୨।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରାଠାରେ ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳ ଉକ୍ତ ବୈଠକରେ ଅଧକ୍ଷତା କରିଥିଲେ। ସମ୍ପାଦକ ମୁକ୍ତିକାନ୍ତ ଶତପଥୀ ବିବରଣୀ ପାଠ କରିଥଲେ। ଖଇରା ଜୋନର ଦାୟିତ୍ୱ ବୁଦ୍ଧିରାମ ପାଣିଗ୍ରାହୀ, କୁପାରୀ ଜୋନ ଦାୟିତ୍ୱ ରତ୍ନାକର ସେଣ୍ଠ, ଡୁଙ୍ଗିରା ଜୋନ ଦାୟିତ୍ୱ ମାୟାଧର ନାୟକଙ୍କୁ ଦେବାକୁ ସ୍ଥିର କରାଯାଇଥିଲା। ନିରାଶ୍ରୟ ବରିଷ୍ଠ ନାଗରିକମାନଙ୍କୁ ଚିହ୍ନଟ କରାଯାଇ ଥାନା ମାଧ୍ୟମରେ ପରିଚୟ ପତ୍ର ଦେବା ସଂକ୍ରାନ୍ତରେ ଥାନା ଆଇଆଇସିଙ୍କୁ ଭେଟିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ତର୍ଯାମୀ ପାତ୍ର, କୃଷ୍ଣଚନ୍ଦ୍ର ପତ୍ରୀ, ଅନାମଚରଣ ପଣ୍ଡା, ଉମେଶ ଚନ୍ଦ୍ର ନାୟକ, ବିଷ୍ଣୁମୋହନ ଶତପଥୀ,ଡା ଉମେଶ ଚନ୍ଦ୍ର ମହାନ୍ତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସନ୍ତୋଷ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍ ଧକ୍କାରେ ମୃତ୍ୟୁକୁ ନେଇ ଉତ୍ତେଜନା

■ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ
■୫ଲକ୍ଷ କ୍ଷତିପୂରଣ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

**ସାରସକଣା,୨।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ଖେରଣା ଗ୍ରାମ ନିକଟରେ ଶନିବାର ରାତିରେ ବିଜୁ ଗାଁ ବସ୍ ଧକ୍କାରେ ଅନ୍ତର୍ଯ୍ୟାମୀ ଭୋଳ(୫୫)ଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବସ୍‌ଟି ପାକଟିଆ ସ୍ଥିତ ଡାକାଡ଼ିହିଠାରୁ ବସ୍ତେଛକ ଅଭିମୁଖେ ଆସୁଥିବା ବେଳେ ଦ୍ରୁତଗତିରେ ସିଧାସଳଖ ବିପରୀତ ଦିଗରୁ ଆସୁଥିବା ସାଇକେଲ ଆରୋହୀ ଅନ୍ତର୍ଯ୍ୟାମୀଙ୍କୁ ଧକ୍କା ଦେଇଥିଲା। ଖବର ପାଇ ସାରସକଣା ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝାରପୋଖରିଆ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା।

ତେବେ ଡାକ୍ତରଖାନାରେ ଥିବା ଜଣେ ପୋଲିସ କର୍ମଚାରୀ ମୃତକଙ୍କ ପରିବାର ଲୋକଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ରବିବାର ମୃତକଙ୍କ ପରିବାର ଲୋକଙ୍କ ସହ ଗ୍ରାମବାସୀ ଓ ସ୍ଥାନୀୟ ଲୋକେ ଉକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବିରେ ମୃତଦେହ ରଖି ଜାତୀୟ ରାଜପଥ ୧୮ ଓ ୪୯ର ସଂଯୋଗ ସ୍ଥଳୀ ଝାରପୋଖରିଆ ନିକଟରେ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଛିଡ଼ା ହୋଇ ରହିଥିଲା। ଖବର ପାଇ ଆଇଆଇସି ମୁକ୍ତି କୁମାର କୁଲୁ, ବିଧାୟକ ଡା. ବୁଦ୍ଧାନ ମୁର୍ମୁ, ତହସିଲଦାର ଲଲାଟେନ୍ଦୁ ସିଂ, ଏସ୍‌ଡିପିଓ କେ.କେ. ହରିପ୍ରସାଦ ଓ ଭାଜପା ନେତା ଶିବ ମହାନ୍ତି ଝାରପୋଖରିଆ ଥାନାରେ ବସି ଆପୋଷ ସମାଧାନ କରିଥିଲେ। ବସ୍ ମାଲିକ ଗୁରୁପ୍ରସାଦ ସାହୁ ଘଟଣାସ୍ଥଳରେ ୧ ଲକ୍ଷ ନଗଦ ରାଶି ଦେବା ସହ ଆଉ ୪ ଲକ୍ଷର ଚେକ୍ ପ୍ରଦାନ କରିଥିଲେ। ମାସକ ଭିତରେ ସମସ୍ତ ସମସ୍ତ କ୍ଷତିପୂରଣ ରାଶି ପ୍ରଦାନ ଲାଗି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାଜରାସ୍ତାରୁ ମୃତଦେହ ଉଠାଇ ବ୍ୟବଚ୍ଛେଦ ପାଇଁ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଥିଲା। ଏନେଇ ମାମଲା (ନଂ.୧/୨୦୨୨) ରୁଜୁ କରାଯାଇ ବସ୍ ଡ୍ରାଇଭର ମୁରଲୀଧର ପାତ୍ରଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେହିପରି ଜିଲା ମୋଟର ଅଧିକାରୀ ବସ୍ ଉପରେ ୨ ଲକ୍ଷ ୬୨ ହଜାର ଟଙ୍କାର ଜରିମାନା କରିଛନ୍ତି। ତେବେ ତଦନ୍ତ ପରେ ମୃତକଙ୍କ ପରିବାର ଲୋକଙ୍କୁ ଦୁର୍ବ୍ୟବହାର ଉକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଏସ୍‌ପି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଏସ୍‌ଡିପିଓ ହରିପ୍ରସାଦ କହିଛନ୍ତି।



ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ଧାରଣା ଦେଇଛନ୍ତି।

## ଖଇରା ସାହିତ୍ୟ ସଂସଦର କବିତା ଆସର



କବିତା ଆସରରେ ଉପସ୍ଥିତ କବିମାନେ। ।

**ଖଇରା,୨।୧(ଡି.ଏନ.ଏ.)**

ନୂତନ ବର୍ଷ ପାଳନ ଅବସରରେ ଖଇରା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସ୍ଥାୟୀ ସଭାପତି ମାୟାଧର ନାୟକ ଏଥିରେ ପୌରହିତ୍ୟ କରିଥିଲେ। ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ବିବରଣୀ ପାଠ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। କୋଭିଡର ତୃତୀୟ ଲହର ପ୍ରତି ସାବଧାନତା ଅବଲମ୍ବନ ଉପରେ ସାହିତ୍ୟ ଲେଖା ମାଧ୍ୟମରେ ସଚେତନତା ପାଇଁ ବକ୍ତାମାନେ ଗୁରୁତ୍ୱାରୋପ କରଥିଲେ। ଅର୍ଜୁନ ଚରଣ ଶିଅଳ, ଚିତ୍ତରଞ୍ଜନ ଦାସ, ସଙ୍କର୍ଷଣ ପଣ୍ଡା, ବୁଦ୍ଧିରାମ ପାଣିଗ୍ରାହୀ, କୈଳାସ ଚନ୍ଦ୍ର ପୃଷ୍ଟି, ଗଗନ ବିହାରୀ ପଣ୍ଡା, ଶରତ କୁମାର ବିଶ୍ୱାଳ, ଉମେଶ ଚନ୍ଦ୍ର ମହାନ୍ତି, ମଧୁସୂଦନ ରାଉଳ, ଦେବେନ୍ଦ୍ର କୁମାର ରାଉତ ,ନିରଞ୍ଜନ ଦାସ, ଉଗ୍ରସେନ ମାଝୀ,ଚିନ୍ତାମଣି ସାହାଣିଙ୍କ ସମେତ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରତି ପଞ୍ଚାୟତକୁ ଡଷ୍ଟବିନ୍ ରିକ୍ସା

**ଭୋଗରାଇ,୨।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ପ୍ରତି ପଞ୍ଚାୟତକୁ ସ୍ୱଚ୍ଛ ଭାରତ ମିଶନ୍‌ରେ ଡଷ୍ଟବିନ୍ ରିକ୍ସା ଯୋଗାଇ ଦିଆଯିବ। ପଞ୍ଚାୟତ କାର୍ଯ୍ୟାଳୟ ଓ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନାକୁ ସଫା କରିବା ନିମନ୍ତେ ଏହି ଡଷ୍ଟବିନ୍ ରିକ୍ସା ବ୍ୟବହୃତ ହେବ। ଏଥିପାଇଁ ପଞ୍ଚାୟତର ସରପଞ୍ଚଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ରିକ୍ସା ହସ୍ତାନ୍ତର କରାଯିବ। ଭୋଗରାଇର ୫୦ ପଞ୍ଚାୟତକୁ ପ୍ରଥମେ ବାଜିତ୍‌ପୁର, ଜଳେଶ୍ୱରପୁର, ଖର୍ଦ୍ଧିପିମ୍ପଳ, ଦୁଡ଼ପଳ ଓ କସବାକମର୍ଦ୍ଦାକୁ ୩୦ହଜାର ଟଙ୍କା ମୂଲ୍ୟର ଡଷ୍ଟବିନ୍ ରିକ୍ସା ଯୋଗାଇ ଦିଆଯାଇଛି। ପଞ୍ଚାୟତକୁ ସ୍ୱଚ୍ଛ ସବୁଜ ଓ ସତେଜ ରଖିବା ନିମନ୍ତେ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଜରିଆରେ ଏହି ରିକ୍ସା ଯୋଗାଇ ଦିଆଯାଇଛି ବୋଲି ବିଡିଓ ଶଙ୍କର କୁମାର ପଟ୍ଟନାୟକ ଶନିବାର ରିକ୍ସା ପ୍ରଦାନ ବେଳେ ପ୍ରକାଶ କରିଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା ଏହି ଡଷ୍ଟବିନ୍ ରିକ୍ସାକୁ ମହିଳାଗୋଷ୍ଠୀକୁ ହସ୍ତାନ୍ତର ବେଳେ ପତାକା ହଲାଇ ଶୁଭ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଦୀପକ କୁମାର ଦାସ, ଏବିଡିଓ ଶରତକୁମାର ମୁଦୁଲିପ୍ରମୁଖ ଉପସ୍ଥିତ ଥିଲେ।



ଡଷ୍ଟବିନ୍ ରିକ୍ସାକୁ ମହିଳାଗୋଷ୍ଠୀଙ୍କୁ ହସ୍ତାନ୍ତର କରୁଛନ୍ତି ବିଡିଓ।

## ଜିକେଭଙ୍ଗର ହସ୍ପିଟାଲରେ ବନ୍ଦ ହେଲା ହେଲ୍ପ ଡେସ୍କ

**ଜଳେଶ୍ୱର, ୨।୧(ଡି.ଏନ.ଏ)**

ଦୀର୍ଘ ୧୪ବର୍ଷ ଧରି ଜଳେଶ୍ୱରସ୍ଥିତ ଜିକେଭଙ୍ଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲି ଆସୁଥିବା ହେଲ୍ପ ଡେସ୍କ ନୂଆବର୍ଷଠାରୁ ବନ୍ଦ ହୋଇ ଯାଇଛି। ୨୦୦୭ରେ ସର୍ଭିସ୍ ପ୍ରୋଭାଇଡର ନାମକ ଏକ ସଂସ୍ଥା ୪ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ହେଲ୍ପଡେସ୍କ କାର୍ଯ୍ୟ ଆରମ୍ଭ କରିଥିଲା। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉତ୍ତର ବାଲେଶ୍ୱରର ରେଫେରାଲ ୟୁନିଟ୍ ହୋଇଥିବାରୁ ଓଡ଼ିଶା ଓ ପଶ୍ଚିମବଙ୍ଗର ବିଭିନ୍ନ ଗ୍ରାମାଞ୍ଚଳରୁ ଲୋକେ ଏଠାକୁ ଚିକିତ୍ସାଲାଗି ଆସିଥାନ୍ତି। ୨୪ ଘଣ୍ଟିଆ ଫୋନ୍ ବ୍ୟବସ୍ଥା, ରୋଗୀଙ୍କ ସମ୍ପର୍କୀୟଙ୍କୁ ସୂଚନା ଦେବା, ଚିକିତ୍ସାଳୟରେ ରୋଗୀଙ୍କୁ ସହାୟତା କରିବା, ଏପରିକି ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସହଯୋଗ ଯୋଗାଇବା ଏବଂ ଜରୁରୀ ଘଟଣାରେ ହସ୍ତକ୍ଷେପ କରିବା ଇତ୍ୟାଦି ଏହି କର୍ମଚାରୀମାନେ କରିଆସୁଥିଲେ। ଏହାର ପୁନଃ କାର୍ଯ୍ୟକ୍ଷମ ଲାଗି ଦାବି ହେଉଛି ।

# ରାଜନୈତିକ ଶତ୍ରୁତାରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ବାହାନଗା,୨।୧(ଡି.ଏନ.ଏ.)**

### ନ୍ୟାୟ ଦାବି କଲେ ବ୍ୟବସାୟୀ ପରିବାର

ରାଜନୈତିକ ଶତ୍ରୁତାରୁ ବାଲେଶ୍ୱର ଜିଲା ବାହାନଗା ପଞ୍ଚାୟତ ଅନ୍ତର୍ଗତ ଗନ୍ଦିଶା ଗ୍ରାମର ଜଣେ ଯୁବ ବ୍ୟବସାୟୀଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତିକୁ ସ୍ଥାନୀୟ ଅଞ୍ଚଳ ଲୋକେ ନଷ୍ଟ କରିଛନ୍ତି। ଏନେଇ ଖନ୍ତାପଡ଼ା ଥାନାରେ ଅଭିଯୋଗ ହୋଇଥିଲେ ହେଁ ବ୍ୟବସାୟୀଙ୍କ ପରିବାର ଲୋକେ ନ୍ୟାୟ ପାଇପାରି ନାହାନ୍ତି। ରବିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି କ୍ଷତିଗ୍ରସ୍ତ ପରିବାର। ଖବରଦାତା ସମ୍ମିଳନୀରେ ବ୍ୟବସାୟୀ ପ୍ରଶନ୍ନଜିତ୍ ସାହୁଙ୍କ ସହ ସ୍ତ୍ରୀ ଇପ୍‌ସୀତା, ତାଙ୍କ ଶାଶୁ ଅମିତା ସାହୁ ,ପଡ଼ୋଶୀ ରମାକାନ୍ତ ଲେଙ୍କା ଏବଂ ଅନ୍ୟମାନେ ଉପସ୍ଥିତ ରହି ଗ୍ରାମର କିଛି ମୁଷ୍ଟିମେୟ ଓ ରାଜନୈତିକ ବ୍ୟକ୍ତି ତାଙ୍କର ଲକ୍ଷାଧିକ ଟଙ୍କାର ବ୍ୟବସାୟ କରୁଥିବା ମାଛ ପ୍ଲାଣ୍ଟ ଓ ଅନ୍ୟାନ୍ୟ ସାମଗ୍ରୀକୁ ନଷ୍ଟ କରିଥିବା ଅଭିଯୋଗ କରିଛନ୍ତି। ପ୍ରଶନ୍ନଜିତଙ୍କ ନାମରେ ସେମାନେ ଥାନାରେ ମିଥ୍ୟା ଗୁଣ୍ଡାଗିରି କରିବା ଆଦି ବାବଦରେ ଅଭିଯୋଗ କରିଛନ୍ତି। ଇପ୍‌ସୀତା କହିଛନ୍ତି ତାଙ୍କ ସ୍ୱାମୀ ପ୍ରଶନ୍ନଜିତ୍ ଗତ ନଭେମ୍ବର ୧୩ରେ ନିମ୍ନମାନର ରାସ୍ତାକାମକୁ ବିରୋଧ କରିବାରୁ ଗଣ୍ଡଗୋଳ ହୋଇଥିଲା। ତେବେ ଅନ୍ୟାୟ ବିରୋଧରେ ସ୍ୱରଉତ୍ତୋଳନ କରିବାରୁ ତାଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ସ୍ଥାନୀୟ ଅଞ୍ଚଳର ମହିଳା ଓ କିଛି ପୁରୁଷ ଭଙ୍ଗାରୁଜା କରି ନଷ୍ଟ କରି ପକାଇଛନ୍ତି।

# ଶିଳାନ୍ୟାସ ପୂର୍ବରୁ ଅନୁଧ୍ୟାନ

**ସଜନାଗଡ଼/ ଜଳେଶ୍ୱର,୨।୧(ଡି.ଏନ.ଏ.)**

### ନୀଳଗିରି, ଜଳେଶ୍ୱର ଷ୍ଟେଶନ ପରିଦର୍ଶନ କଲେ ଡିଆର୍‌ଏମ୍

ଆସନ୍ତା ୭ ତାରିଖରେ ବାଲେଶ୍ୱର ଜିଲା ନୀଳଗିରି ଓ ଜଳେଶ୍ୱର ନୂତନ ରେଳ ଷ୍ଟେଶନର ଶିଳାନ୍ୟାସ ହେବାକୁ ଯାଉଛି। କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାର ଶିଳାନ୍ୟାସ କରିବେ। ଏହି ପରିପ୍ରେକ୍ଷୀରେ ରବିବାର ଖଡ଼ଗପୁର ସ୍ଥିତ ରେଳ ମଣ୍ଡଳ ପ୍ରବନ୍ଧକ(ଡିଆର୍‌ଏମ୍) ମନୋରଞ୍ଜନ ପ୍ରଧାନ ଓ ଅନ୍ୟ ପଦାଧିକାରୀ ଟ୍ରେନ୍ ଯୋଗେ ନୀଳଗିରି ଷ୍ଟେଶନ ପରିଦର୍ଶନ କରି ଫେରି ଯାଇଛନ୍ତି। ଏହା ପୂର୍ବରୁ ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସି ନୀରିକ୍ଷଣ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅଞ୍ଚଳବାସୀ ରେଳ ବିଭାଗ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। କେଉଁଠି ଷ୍ଟେଶନ ଓ ଅଫିସ ହେବ ଏ ନେଇ ମଧ ବହୁ ସମୟ ଆଲୋଚନା ହୋଇଥିଲା। ଅଧିକାରୀମାନେ ଫେରିଯିବା ପରେ ଏମ୍‌ପି ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ସମେତ ଅଞ୍ଚଳବାସୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯିବା ସହ ଶିଳାନ୍ୟାସ ଉତ୍ସବ କିପରି ସଫଳ ହେବ ଏ ନେଇ ବିଶଦ ଆଲୋଚନା କରାଯାଇଥିଲା। ଏନେଇ ପର୍ଯ୍ୟଟନସ୍ଥଳୀର ସହର ନିଳଗିରୀ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି।

ସେହିପରି ଜଳେଶ୍ୱର ରେଳ ଷ୍ଟେଶନର ଶିଳାନ୍ୟାସ ଉତ୍ସବ ମଧ ସେହି ଦିନ ହେବ। କେନ୍ଦ୍ର ରେଳମନ୍ତ୍ରୀ ଏହି ଷ୍ଟେଶନର ଶିଳାନ୍ୟାସ ଲାଗି ଆସିବାକୁ ଥିବାରୁ ରବିବାର ଡିଆର୍‌ଏମ୍ ପ୍ରଧାନ ଜଳେଶ୍ୱର ରେଳ ଷ୍ଟେଶନରେ ଦୀର୍ଘ ୪୦ ମିନିଟ୍ ରହି ସମୀକ୍ଷା କରିଥିଲେ। ରେଳ ଷ୍ଟେଶନ ନିର୍ମାଣ ଲାଗି ୮ କୋଟି ଓ ଆନୁସଙ୍ଗିକ ଅନ୍ୟାନ୍ୟ ବିକାଶ ସକାଶେ ୭ କୋଟି ଟଙ୍କା ବ୍ୟୟ ହେବ ବୋଲି ରେଳବାଇ ସୂତ୍ରରୁ ପ୍ରକାଶ। ସେହିପରି ଲକ୍ଷ୍ମଣନାଥ ଷ୍ଟେଶନରୁ ଅମର୍ଦ୍ଦାଷ୍ଟେଶନ ମଧ୍ୟରେ ୩ୟ ରେଳପଥ ନିମାଣ ଲାଗି ମୋଟ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ସମ୍ପର୍କରେ ରେଳବାଇର ବାଣିଜ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଧାନଙ୍କ ସହିତ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ମ୍ୟାନେଜର ରାଜେଶ କୁମାର, ବିଭାଗର ଉପ ଇଞ୍ଜିନିୟର ବମ୍‌ବମ୍ ପାଣ୍ଡେ, ବହୁ ବରିଷ୍ଠ କର୍ମଚାରୀ ପ୍ଲାଟଫର୍ମର ପିଇବା ପାଣି, ଶୌଚାଳୟ ଇତ୍ୟାଦି ବୁଲି ଦେଖିଥିଲେ।

# ୩ ପଞ୍ଚାୟତକୁ ମିଳିଲା ଆବର୍ଜନା ଉଠା ଗାଡ଼ି

**ବାଲେଶ୍ୱର ଅଫିସ,୨।୧**

ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ – ୨୦୨୧ ଅନୁଯାୟୀ ଜିଲା ଜଳ ଓ ପରିମଳ ମିଶନ ତରଫରୁ ବାଲେଶ୍ୱର ସଦର ବ୍ଲକ ଅଧୀନ ୩ ପଞ୍ଚାୟତକୁ ୩ଟି ବ୍ୟାଟେରି ଚାଳିତ ଅଳିଆ ଆବର୍ଜନା ଉଠା ଗାଡ଼ି ପ୍ରଦାନ କରାଯାଇଛି। ଏଥିଲାଗି ୯୯୦୦୦ ଟଙ୍କା ବ୍ୟୟ ହୋଇଛି। ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଏବଂ ବିଡିଓ ନଗେନ୍ଦ୍ର ନାଥ ଖମାରି ପ୍ରମୁଖ ଉପସ୍ଥିତ ରହି ଜୟଦେବ କସବା, ସାର୍ଥା ଏବଂ ଶାସଙ୍ଗ ଗ୍ରାମ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ପ୍ରଦାନ କରିଥିଲେ।

ସ୍ୱଚ୍ଛ ସର୍ବେକ୍ଷଣ ମିଶନ ୨୦୨୦–୨୧ ଏବଂ ୨୦୨୧–୨୨ ଅନୁଯାୟୀ ସଦର ବ୍ଲକର ମୋଟ ୨୧ ପଞ୍ଚାୟତକୁ ଏହି ବ୍ୟାଟେରି ଚାଳିତ ଗାଡ଼ି ପ୍ରଦାନ କରାଯିବାକୁ ଯୋଜନା ରହିଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଅନ୍ୟ ୧୮ଟି ପଞ୍ଚାୟତକୁ ଏହି ଗାଡ଼ି ପ୍ରଦାନ କରାଯିବ। ସହର ଭଳି ଗ୍ରାମାଞ୍ଚଳକୁ ଅଳିଆ ଆବର୍ଜନା ମୁକ୍ତ ଏବଂ ପରିଷ୍କାର ରଖିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ଏହାଦ୍ୱାରା ମହିଳାମାନେ ସଶକ୍ତ ହେବା ସହିତ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। କାର୍ଯ୍ୟକ୍ରମରେ ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ସାର୍ଥା ସରପଞ୍ଚ, ଜୟଦେବ କସବା ସରପଞ୍ଚ, ସଦର ବ୍ଲକ ଜିପିଓ, ବ୍ଲକ ଯୁବ ସଭାପତି ଦିଲ୍ଲୀପ ମହାନ୍ତି, ରେମୁଣା ଯୁବ ସଭାପତି, ହିଡ଼ିଗାଁ ପଞ୍ଚାୟତ ଯୁବ ସଭାପତି ପୀତାମ୍ବର ବେହେରା, ଯୁବ ନେତା ଶକ୍ତିପଦ ରାୟ, ଆଇନଜୀବୀ ବିଜୟ ଦାସ, ପଙ୍କଜ ଅଗ୍ରୱାଲ ଓ ସୁଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ବ୍ୟାଟେରି ଚାଳିତ ଅଳିଆ ଆବର୍ଜନା ଉଠା ଗାଡ଼ି ପ୍ରଦାନ କରାଯାଉଛି।

## ସୁସ୍ଥ ହୋଇ ଫେରିଲେ ଘସିପୁରା ବିଧାୟକ

ହାଟଡିହୀ,(ଡି.ଏନ.ଏ.)କେନ୍ଦୁଝର ଜିଲା ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ସୁସ୍ଥ ହୋଇ ଶନିବାର ଫେରିଛନ୍ତି। ସେ ଏବେ ଭୁବନେଶ୍ୱରର ସରକାରୀ ବାସଭବନରେ ଅଛନ୍ତି। ତାଙ୍କ ପାଖରେ ତାଙ୍କ ଆତ୍ମୀୟ ସ୍ୱଜନ, ପରିବାର ବର୍ଗ ଉପସ୍ଥିତ ରହି ଦେଖାଶୁଣା କରୁଛନ୍ତି । ଖବର ପାଇ ଶୁଭେଚ୍ଛୁ, ହିତାକାଂକ୍ଷୀ, ସମ୍ପର୍କୀୟ ମାନେ ଭୁବନେଶ୍ୱରରେ ପହଞ୍ଚି ବିଧାୟକ ବଦ୍ରିଙ୍କୁ ସାକ୍ଷାତ କରିଛନ୍ତି। ୨୦୨୧ ଡିସେମ୍ବର ୧୦ରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ୧୧ ତାରିଖରେ ଏୟାର ଆମ୍ବୁଲାନ୍ସରେ ହାଇଦ୍ରାବାଦ ନିଆଯାଇଥିଲା।



## ସଂକ୍ଷେପରେ

### ବାଲି ବୋଝେଇ ଡମ୍ଫର ଜବତ

କପ୍ତିପଦା,୨୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ପଟୁ ଆସୁଥିବା ବେଆଇନ ବାଲି ବୋଝେଇ ଏକ ଡମ୍ଫରକୁ ଜବତ କରାଯାଇଛି। କପ୍ତିପଦା ଉପଜିଲାପାଳ ଗାଡ଼ିଟିର ପରିମିଟ୍ ନ ଥିବା ତହସିଲଦାରଙ୍କୁ ଜଣାଇଥିଲେ। ତହସିଲଦାର ଜାରଡ଼ା ନିକଟରେ ଗାଡ଼ିକୁ ଜବତ କରି କପ୍ତିପଦା ଥାନା ଜିମା ଦେଇଥିଲେ। ତଦନ୍ତ ପରେ ଜରିମାନା ଧାର୍ଯ୍ୟ କରାଯିବ ବୋଲି ତହସିଲଦାର ସମରଜିତ କର ପ୍ରକାଶ କରିଛନ୍ତି।

### ଗୋଷ୍ଠୀ ସଂଘର୍ଷ: ଜଣେ ଗୁରୁତର

ଭଦ୍ରକ ଅଫିସ, ୨୧-ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲପୁର ପଞ୍ଚାୟତ ଗୋପବନ୍ଧୁପୁର ଗ୍ରାମରେ ଶନିବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଗାଁର ସୁବାସ ଚନ୍ଦ୍ର ମଳିକଙ୍କୁ ମାଟିଆପିତୁଳି ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆକ୍ରମଣ କରିଛନ୍ତି। ଏଥିରେ ଗୁରୁତର ସୁବାସଙ୍କୁ ପ୍ରଥମେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ସୁବାସଙ୍କ ଭଉଣୀ ସୁଚିସ୍ମିତାଙ୍କ ଅଭିଯୋଗ କ୍ରମେ ଗ୍ରାମାଞ୍ଚଳ ଥାନା ପୋଲିସ ତଦନ୍ତ ଚଳାଇଛି।

### ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଯୋଡ଼ା,୨୧(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ କମାର ଯୋଡ଼ା ଠାରେ ରବିବାର ସଡ଼କ ଦୁର୍ଘଟଣାରେ ନରସିଂହ ତିରିଆଙ୍କର ମୃତ୍ୟୁ ହୋଇଛି। ଅପରାହ୍ନରେ ଏକ ବିସ୍ଫୋରକ ବୋଝେଇ ଗାଡ଼ି ସହିତ ନରସିଂହଙ୍କ ବାଇକ୍‌ର ଧକ୍କା ହୋଇଥିଲା। ଫଳରେ ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଡାକ୍ତରଖାନାକୁ ନେଇଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ତାଙ୍କ ଘର କେନ୍ଦୁଝର ଜିଲା ନେଲୁଙ୍ଗ ଅଞ୍ଚଳରେ। ମୃତକଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହୋଇଛି ।

### ପ୍ରଥମ ଖବରକାଗଜ ବିକ୍ରେତା ଅସୁସ୍ଥ

ବାସୁଦେବପୁର, ୨୧(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ପ୍ରଥମ ଖବରକାଗଜ ବିକ୍ରେତା, ପୂର୍ବତନ ଖବରଦାତା, ଲେଖକ ମନ୍ଦରଧର ମହାପାତ୍ର(୭୯) ଅସୁସ୍ଥ ହୋଇଛନ୍ତି। ସେ ଏବେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଉଚ୍ଚ ରକ୍ତଚାପ ସମେତ ଅନ୍ୟ କେତେକ ରୋଗରେ ପୀଡ଼ିତ ହୋଇଛନ୍ତି। ବାସୁଦେବପୁର ହକର, ଖବରଦାତା ସଂଘ ତଥା ବିଭିନ୍ନ ମହଲରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି।

# ଖଣି ପରେ ବିଜୁଳି ବନ୍ଦ, ଅସୁବିଧାରେ ଲୋକେ

ଯୋଡ଼ା,୨୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ବଳଦା ପଞ୍ଚାୟତ ଅନ୍ତର୍ଗତ ଗୁରୁଡ଼ା ବେଣୁଆପାଣି କ୍ୟାମ୍ପ ଅଞ୍ଚଳବାସୀ ଦୀର୍ଘ ଦିନ ହେଲା ବିଦ୍ୟୁତ୍ ଆଲୋକରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମରେ ପ୍ରାୟ ୨୦୦ରୁ ଅଧିକ ଲୋକ ବସବାସ କରନ୍ତି। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଗ୍ରାମବାସୀ ଏକ ଖଣି କମ୍ପାନୀ ଅଧୀନରେ କାର୍ଯ୍ୟ କରିବା ସହ ଉକ୍ତ କମ୍ପାନୀ ପକ୍ଷରୁ ନିର୍ମିତ ଘରଗୁଡ଼ିକରେ ରହି ଆସୁଛନ୍ତି। ଖଣି କମ୍ପାନୀର ଲିଜ୍ ଅବଧି ଶେଷ ହେବା ପରେ ଉକ୍ତ ଶ୍ରମିକ ଓ କର୍ମଚାରୀମାନେ ନିଜେଘରଗୁଡ଼ିକୁ ମରାମତି କରି ରହୁଛନ୍ତି। ବିଦ୍ୟୁତ୍ ସଂଯୋଗ ଥିଲେ ମଧ୍ୟ ଗତ ନଭେମ୍ବର ୨୩ ତାରିଖରେ ଓଡ଼ିଶା ଖଣି


ଗୁରୁଡ଼ା ବେଣୁଆପାଣି ଗାଁ।

ନିଗମ (ଓଏମ୍‌ସି) ପକ୍ଷରୁ ନୋଟିସ ଜାରି କରାଯାଇ ବିଦ୍ୟୁତ୍ କାଟ୍ କରାଯାଇଥିବା ଗ୍ରାମର ମୁନାଜିର ଆଲାମ, ହରିହର ନାଏକ, ବିଦ୍ୟାଧର ମହାକୁଡ଼, ଟିଟୁନ କୁଅଁର, ଲକ୍ଷ୍ମୀ ସିଂ, ରମାକାନ୍ତ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଗ୍ରାମର ମହିଳା କୌଶଲ୍ୟା ମହାନ୍ତ, ସବିତା ଖାୟାର, ଅନୁପମା ନାଏକ ପ୍ରମୁଖ ସେମାନଙ୍କପ୍ରତିକ୍ରିୟାରେ କହିଛନ୍ତି ଯେ,ବିଦ୍ୟୁତ୍‌କାଟ ଯୋଗୁ ସେମାନେ ଅନ୍ଧାରରେ ରହିବା ସହିତ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପିଲାମାନେ ରାତି ସମୟରେ ପାଠ ପଢ଼ିପାରୁ ନାହାନ୍ତି। ଗ୍ରାମ ଚାରିପଟେ ଖଣି ଓ ଜଙ୍ଗଲ ରହିଥିବାରୁ ହାତୀଭୟ ରହୁଛି। ଭୟରେ ଗ୍ରାମବାସୀ ନିଆଁ ଜଳାଇ ରାତି ଉଜାଗର ରହୁଛନ୍ତି। ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ। ଚମ୍ପୁଆ ବିଧାୟିକାଙ୍କୁ ମଧ୍ୟ ଏ ନେଇ ସେମାନେ ଜଣାଇଥିବା କହିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଓଡ଼ିଶା ଖଣି ନିଗମ ସିଏସ୍‌ଆର ଅଧିକାରୀ ନୂତନ ରାଉତଙ୍କୁ ପଚାରିବାରୁ ଏ ବାବଦରେ ସେ ଅବଗତ ନାହାନ୍ତି ବୋଲି କହିଛନ୍ତି।

## ଭାଜପାରେ ଯୋଗଦେଲେ ଶତାଧିକ କର୍ମୀ



ମିଶ୍ରଣ ପର୍ବରେ ମଞ୍ଚାସୀନ ଅତିଥି।

ବାରିପଦା ଅଫିସ,୨୧

ମୟୂରଭଞ୍ଜ ଜିଲା ଭାଜପା (ପୂର୍ବ) ସଭାପତି କାନ୍ଦରା ସୋରେନଙ୍କ ଅଧ୍ୟକ୍ଷତାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ଶତାଧିକ କର୍ମକର୍ତ୍ତା ବିଭିନ୍ନ ଦଳରୁ ପରିତ୍ୟାଗ କରି ଭାଜପାରେ ଯୋଗଦାନ କରିଛନ୍ତି। ଏଥିରେ ରାଜ୍ୟ ଉପସଭାପତି ତଥା ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ସଂଯୋଜକ ଡ.କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ପ୍ରବକ୍ତା ଠାକୁର ରଣଜିତ ଦାସ, ସମ୍ପାଦିକା ସିପ୍ରା ବାଜପେୟୀଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ।

## ଗୋଚାଲାଣ ବନ୍ଦ ଲାଗି ଜିଲାପାଳଙ୍କୁ ଦାବିପତ୍ର


ଜିଲାପାଳ ତ୍ରିଲୋଚନ ମାଝିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ ଅଫିସ,୨୧

ଭଦ୍ରକ ଜିଲାରେ ବେଆଇନ ଗୋ ଚାଲାଣ ବଢ଼ି ଚାଲିଛି। ଜିଲାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳ ଲୋଡିଂ ପଏଣ୍ଟ ପାଲଟିଛି। ଗୋ ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗୋ-ସୁରକ୍ଷା ସମିତିର ଆହ୍ୱାନ କ୍ରମେ ବଜରଙ୍ଗ ଦଳ, ଦେବସେନା, ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଶତାଧିକ କର୍ମକର୍ତ୍ତା ଜିଲାପାଳ ତ୍ରିଲୋଚନ ମାଝିଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ବେଆଇନ ଚାଲାଣ ରୋକିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସିସି କ୍ୟାମେରା ଲଗାଇବା ସହ ଦଲାଲଙ୍କ ନାମ ସାର୍ବଜନୀନ କରିବାକୁ ଦାବି ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ଗୋ ସୁରକ୍ଷା ବାହିନୀ ସଭାପତି ତଥା ଆଇନଜୀବୀ ସୁରେଶ ପଣ୍ଡା, ଗୋ ସୁରକ୍ଷା ସମିତିର ମାର୍ଗଦର୍ଶକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସଭାପତି ଅପୂର୍ବ ରଞ୍ଜନ ବେହେରା, ସମ୍ପାଦକ ସ୍ୱରୂପାନନ୍ଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଦେବାଂଶୁ ରାଉତ, ସୂର୍ଯ୍ୟବଂଶୀ ସୂରଜ, କାହ୍ନୁ ସାହୁ, ପ୍ରକାଶ ସ୍ୱାଇଁ, ମୁକେଶ ସାହୁ, ଏମ୍‌ଡି ଶବର, ସୟିଦ ଖାନ, ପପୁ ଖାନ, ବଜରଙ୍ଗ ଦଳର ରାଜ୍ୟ ସଂଯୋଜକ ମାନସ ମହାନ୍ତି, ବିଶ୍ୱହିନ୍ଦୁ ପରିଷଦର ଭଦ୍ରକ ମୁଖ୍ୟ ବିଜୟ ସିହ୍ନା, ଦେବସେନାର ଭଦ୍ରକ ଜିଲା ଅଧ୍ୟକ୍ଷ ସଞ୍ଜୟ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ରାସ୍ତାକଡ଼ରୁ ନବଜାତକ ଉଦ୍ଧାର

ଚମ୍ପୁଆ, ୨୧ (ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ସଶାଙ୍ଗ ଗ୍ରାମ ନିକଟରୁ ଏକ ନବଜାତକ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ରବିବାର ୧୧ଟା ସମୟରେ ସଶାଙ୍ଗ ନିକଟରେ ଏକ ବ୍ୟାଗ ଭିତରୁ ନବଜାତକ କାନ୍ଦୁଥିବାର ସ୍ଥାନୀୟ ଲୋକେ ଶୁଣିବାକୁ ପାଇଥିଲେ। ଘଟଣାସ୍ଥଳକୁ ଯାଇ ଦେଖିବାରୁ ବ୍ୟାଗ ଭିତରେ ଶିଶୁପୁତ୍ର ରହିଥିବା ଜଣାପଡିଥିଲା। ଏ ନେଇ ଚମ୍ପୁଆ ଥାନାକୁ ଖବର ଦେବାପରେ ଥାନା ଅଧିକାରୀ ଗଗନ ନାଏକଙ୍କ ନିର୍ଦ୍ଦେଶ ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଶିଶୁପୁତ୍ରକୁ ଚମ୍ପୁଆ ଡାକ୍ତରଖାନା ଅଣାଯାଇ ତାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଶିଶୁପୁତ୍ରକୁ ଜିଲା ଚିକିତ୍ସାଳୟ ପଠାଯିବା ସହିତ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଥିବା ଚିକିତ୍ସାଳୟ ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

## କଣ୍ଡକ୍ଟର, ବସ୍ ଚାଳକଙ୍କ ଆକ୍ରମଣରେ ଯାତ୍ରୀ ଗୁରୁତର

କେନ୍ଦୁଝର , ୨୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲରୁ ଝାରସୁଗୁଡା ଯାଉଥିବା ଏକ ଯାତ୍ରୀବାହୀ ବସ୍‌ର କଣ୍ଡକ୍ଟର ଓ ଚାଳକ ଯାତ୍ରୀ ମନୋଜ ମହାନ୍ତଙ୍କୁ ମାଡ଼ ମାରିଥିବା ନେଇ ତାଙ୍କ ସ୍ତ୍ରୀ ଚନ୍ଦ୍ରିକା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଘର ବଡବିଲ ଥାନା ମାଟକାମବେଡାରେ ବୋଲି ଜଣାପଡିଛି। ଚନ୍ଦ୍ରିକାଙ୍କ ଅଭିଯୋଗ ଅନୁଯାୟୀ ଗତ ଶନିବାର ରାତିରେ ତାଙ୍କ ସ୍ୱାମୀ ଏକ ବସ୍‌ରେ ସନ୍ଧ୍ୟା ୭ଟାରେ ବସିଥିଲେ । ବସ୍‌ଟି କେନ୍ଦୁଝର ଅଭିମୁଖେ ଆସୁଥିବା ବେଳେ ବିଲେଇପଦା ନିକଟରେ କଣ୍ଡକ୍ଟରକୁ ଟିକଟ ବାବଦକୁ ପଇସା ଦେଇଥିଲେ। କିନ୍ତୁ କଣ୍ଡକ୍ଟର ଅଧିକ ଦୁଇ ଶହ ଟଙ୍କା ମାଗିବାରୁ ମନୋଜ ବସ୍ ମାଲିକଙ୍କୁ ଫୋନ କରିଥିଲେ। ତେବେ କାହିଁକି ଫୋନ କରୁଛ ବୋଲି କହି ବସ୍ ଚାଳକ ଓ କଣ୍ଡକ୍ଟର ମିଶି ତାଙ୍କୁ ମାଡ ମାରିଥିଲେ। ପରେ କେନ୍ଦୁଝରରେ ବସ୍ ପହଞ୍ଚିବାରୁ ସେ ଓହ୍ଲାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିଥିବା ବେଳେ ଜଣେ ବ୍ୟକ୍ତି ଆସି ତାଙ୍କୁ ନିର୍ଦ୍ଦୟ ମାଡ଼ ମାରିଥିଲେ । ସେ ଅଚେତ ହୋଇ ପଡିବାରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଉକ୍ତ ବ୍ୟକ୍ତି ଜଣଙ୍କ ବସ ମାଲିକ ବୋଲି ମନୋଜ କହିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୧/୨୨) ରୁଜୁ କରି ତଦନ୍ତ ଜାରି ରଖିଥିବା ଟାଉନଥାନା ଅଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି ।

## ଅଘୋଷିତ ବିଦ୍ୟୁତ୍‌କାଟକୁ ନେଇ ଅସନ୍ତୋଷ

ପାଟଣା,୨୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ତୁରୁମୁଙ୍ଗା ବିଦ୍ୟୁତ ଉପଖଣ୍ଡ ଅଞ୍ଚଳରେ ୨ ଦିନ ହେବ ଅଘୋଷିତ ଭାବେ ଲୋକେ ଶୋଇ ଗଲା ପରେ ଅଧରାତିରେ ବିଦ୍ୟୁତକାଟ କରୁଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିନା ବର୍ଷା ପବନ ଆଉ ପାଟଣା ରେଞ୍ଜ ଅଞ୍ଚଳରେ ବଣୁଆ ହାତୀ ନ ଥିବା ବେଳେ ବିଦ୍ୟୁତକାଟକୁ ନେଇ ଉପଭୋକ୍ତା ସଙ୍ଘ ତରଫରୁ ତୀବ୍ର ସମାଲୋଚନା କରାଯାଇଛି। ଏନେଇ ତୁରୁମୁଙ୍ଗା ବିଦ୍ୟୁତ ବିଭାଗ ତୁରୁମୁଙ୍ଗା ଉପଖଣ୍ଡ ଅଧିକାରୀ ଚିରଞ୍ଜିତ ସାହୁଙ୍କୁ ପଚାରିବାରୁ ପାଟଣା ରେଞ୍ଜ୍ ହୀରାପଶି ଅଞ୍ଚଳରେ ଶନିବାର ରାତିରେ ୨୬ଟିକିଆ ହାତୀ ପଶିଥିବାରୁ ବିଦ୍ୟୁତକାଟ ହୋଇଥିଲା। ଅନ୍ୟପକ୍ଷରେ ଏନେଇ ପାଟଣା ରେଞ୍ଜର ଟିକେଶ୍ୱର ମହାନ୍ତ କହିଛନ୍ତି, ଆମ ରେଞ୍ଜ୍‌ରେ ଶନିବାର ହାତୀପଲ ନ ଥିଲେ। କରଞ୍ଜିଆ ରେଞ୍ଜ୍‌ରୁ ଏକ ଗୋଠ ଛଡା ହାତୀ ସାହାରପଡା ସେକ୍ସନ ସୀମାକୁ ସାମୟିକ ପାଇଁ ଆସି ସଙ୍ଗେ ସଙ୍ଗେ ଫେରି ଯାଇଥିଲା। ଉଭୟ ବିଦ୍ୟୁତ ବିଭାଗ ଏସ୍‌ଡିଓ ଏବଂ ରେଞ୍ଜରଙ୍କ କଥାରେ ସାମଞ୍ଜସ୍ୟ ନଥିବାରୁ ଜିଲାପାଳ ଏହାର ତଦନ୍ତ କରିବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି।

## ଶିକ୍ଷାନୁଷ୍ଠାନ ନିକଟରେ ଥିବା ତମାଖୁ ଦୋକାନରେ ଚଢାଉ

ବାରିପଦା ଅଫିସ,୨୧

ମୟୂରଭଞ୍ଜ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ତ୍ୱାବଧାନରେ ଜିଲା ଟବାକୋ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ତମାଖୁ ସାମଗ୍ରୀ ବିକ୍ରି ଉପରେ ବ୍ୟାପକ ଚଢାଉ କରି ଜରିମାନା ଆଦାୟ କରାଯାଇଛି । ବାରିପଦା ତଖତପୁର ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଶହେ ମିଟର ପରିସୀମା ମଧ୍ୟରେ ଥିବା ତମାଖୁ ବିକ୍ରି କରୁଥିବା ଦୋକାନ ଗୁଡିକରେ ଚଢାଉ କରାଯାଇ ୧୮ଜଣଙ୍କଠାରୁ ମୋଟ ୩ ହଜାର ୬ଶହ ଟଙ୍କା ଜରିମନା ଆଦାୟ କରାଯାଇଛି । ଏହି ଚଢାଉରେ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ରୁଦ୍ରନାରାୟଣ ସାହୁ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ସଂଯୁକ୍ତା ହେମ୍ବ୍ରମ୍, ବାରିପଦା ଟାଉନ ଥାନା ସବ୍‌ଇନ୍ସପେକ୍ଟର ମାନସ ମଲ୍ଲିକ, ଜିଲା ସ୍ୱାସ୍ଥ୍ୟ ବିଭାଗ (ଏନସିଡି)ବାରିପଦା ସହକାରୀ ପରିଚାଳକ ଓ ଜିଲା ଅବକାରୀ ବିଭାଗ ସାମିଲ ହୋଇ ଚଢାଉ କରିଛନ୍ତି।

## ଓଲଟିଲା ଟିପ୍ପ ବୋଝଇ ଡମ୍ଫର

କୁଆମରା, ୨୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତର ନୂଆସାହି ଠାରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରବିବାର ଏକ ଟିପ୍ପ ବୋଝେଇ ଡମ୍ଫର ଭାରସମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଛି। ଫଳରେ ଅଳ୍ପକେ ଡ୍ରାଇଭର ଓ ହେଲ୍‌ପର ବର୍ତ୍ତି ଯାଇଛନ୍ତି ।

## କେନ୍ଦୁଝର ବନଖଣ୍ଡରେ ୧୪୮ ହାତୀ

କେନ୍ଦୁଝର , ୨୧ (ସ୍ୱ.ପ୍ର.)

କେନ୍ଦୁଝର ଡିଭିଜନର ବିଭିନ୍ନ ରେଞ୍ଜ୍‌ରେ ସମୁଦାୟ ୧୪୮ଟି ହାତୀ ରହିଥିବା ଜଣାପଡ଼ିଛି। ସର୍ବାଧିକ ଚମ୍ପୁଆ ରେଞ୍ଜ୍ ଜଙ୍ଗଲରେ ୬୦ ଟି ହାତୀ ରହିଥିବା ବେଳେ କେନ୍ଦୁଝର ରେଞ୍ଜ୍‌ରେ ୪୦, ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ୍‌ରେ ୩୪, ତେଲକୋଇ ରେଞ୍ଜ୍‌ରେ ୧୦, ଘଟଗାଁ ରେଞ୍ଜ୍‌ରେ ୪ଟି ହାତୀ ବିଭିନ୍ନ ଜଙ୍ଗଲରେ ରହିଛନ୍ତି। ହାତୀ ପଲ ଗୁହାଳଚଟୁଆ, ମନୋହରପୁର, ମଥୁରାମଣ୍ଡଳୀ, ପୋଟଳ, ବିଞ୍ଜାବାହାଳ, ଜଗମୋହନପୁର, ସରୁଆଳି, ଟୁଙ୍ଗୁରୁବାହାଳ, ସିଙ୍କୁଲାବାହାଳ, କୃଷ୍ଣପୁର, ମଲଣ୍ଡା, ଗୋପିନାଥପୁର, ପଡାଙ୍ଗ, କରଦାଙ୍ଗି, ସିନ୍ଦୁରିଆ, ସୁନାପଶି ଆଦି ଗ୍ରାମରେ ହାତୀ ପଲ ବ୍ୟାପକ ଧାନ ଫସଲ ଓ ପରିବା ନଷ୍ଟ କରିଥିବା ଜଣାପଡିଛି। ଏତେ ସଂଖ୍ୟକ ହାତୀ ବୁଲୁଥିବାରୁ ଲୋକେ ଭୟ ଓ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ହାତୀପଲ ଦିନରେ ପାଖ ଜଙ୍ଗଲରେ ରହୁଛନ୍ତି ଏବଂ ସନ୍ଧ୍ୟାରେ ପାଦାକୁ ଆସି ଆଖପାଖ ଗ୍ରାମରେ ଉପଦ୍ରବ ଚଳାଉଛନ୍ତି। ଥଣ୍ଡା ଅଧିକ ଥିବାରୁ ହାତୀମାନଙ୍କୁ ଘଉଡ଼ାଇବାରେ ବନବିଭାଗ ସଫଳ ହୋଇପାରୁନି।

## ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱ

ବନ୍ତ,୨୧ (ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ସ୍ଥିତ ଜଳସେଚନ କାର୍ଯ୍ୟାଳୟ ଡାକବଙ୍ଗଳାରେ ଖବରଦାତା ସଂଘର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପତଞ୍ଜଳୀ କରଶର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଖବରଦାତା ହରିନାରାୟଣ ମହାନ୍ତି, ଜ୍ଞାନଦା ପ୍ରସାଦ କରଶର୍ମା, ରବୀନ୍ଦ୍ର କୁମାର ଓଝା, ରମେଶ ଚନ୍ଦ୍ର ପତି, ମାର୍କଣ୍ଡ ଧଡା, ବିଜୟ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଯୋଗଦେଇ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## କଂଗ୍ରେସର ମିଶ୍ରଣ ପର୍ବ

ଭଦ୍ରକ ଅଫିସ, ୨୧

ଭଦ୍ରକ ପୌରାଞ୍ଚଳର ୨୭ ନଂ. ୱାର୍ଡ ଚଉଖଣ୍ଡିଠାରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ଅବଦୁଲ ମୋକିତ୍ ଖାନ୍ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଅନ୍ୟତମ ଅତିଥି ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ ଓ ନଳିନୀ ମହାନ୍ତି ଯୋଗ ଦେଇଥିଲେ। ଅନ୍ୟ ଦଳ ଛାଡ଼ି କର୍ମୀମାନେ କଂଗ୍ରେସରେ ସାମିଲ ହୋଇଥିଲେ।

# ଖ୍ଟିଂରୁ ଶହେ ପଥରଶିଳ୍ପୀ ପଠାଇଥିଲେ ମୟୂରଭଞ୍ଜ ରାଜା

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

- କେରାଣ୍ଡିମାଳରୁ ପଥର ଆସିଥିଲା ଋଷିକୁଲ୍ୟା ନଦୀପଥରେ
- ବଡ଼ମ୍ବା-ନରସିଂହପୁରରୁ ଆସିଥିଲା ୧୮ ହାତିଆ ପଥର

ଗତ ସଂଖ୍ୟାରେ ଆମେ ପାଞ୍ଚଟି ସ୍ଥାନରୁ ପଥର ଆସିବା କଥା ପୋଥି ଆଧାରରେ ଆଲୋଚନା କରିଥିଲେ। ପଥର ଆସି କୋଣାର୍କଠାରେ ପହଞ୍ଚିବା ପର୍ଯ୍ୟନ୍ତ କିପରି ୫ ପ୍ରକାର ଗୋଷ୍ଠୀ ପ୍ରବଳ ପରିଶ୍ରମ କରି କାର୍ଯ୍ୟକୁ ସଫଳ କରନ୍ତି ତାହା ଜାଣିଲେ। ଏମାନେ ସମସ୍ତେ ପାଉଣା ତ ନେଉଥିଲେ, କିନ୍ତୁ ଯେଉଁ ନିଷ୍ଠାରେ ଗୋଟାଏ ଜାତିର ଗୌରବମୟ ଐତିହ୍ୟକୁ ସାକାର କରିବା ପାଇଁ ଦୃଢ଼ ନିଶ୍ଚୟ ଥିଲେ ତାହା ଶିକ୍ଷା କରିବା କଥା। ଯେଉଁଠାରୁ ପଥର ସବୁ ଆସୁଥିଲା ତଥା ଯେଉଁମାନେ ଜଳପଥରେ ଆଣୁଥିଲେ ସେମାନଙ୍କ ବିଷୟରେ ଆଲୋଚନା କରିବାର ଉଦ୍ଦେଶ୍ୟ ଏମାନେ କେହି ବି ବାହାରିଆ ଲୋକ ନ ଥିଲେ, ଆମ ମନ୍ଦିର ନିର୍ମାଣ ଓ ପ୍ରସ୍ତୁତିକୁ ଯେଉଁମାନେ ଟାହି ଟାପରା କରି ଲେଖିଥିଲେ ଏବଂ ଏକ ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କରିଥିଲେ ଯେ ଓଡ଼ିଆମାନେ ପଦ୍ମତୋଳା ଗଣ୍ଡରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରି ନ ଥିଲେ, ସେଇ ଧାରଣାକୁ ନିରାଧାର କରିବାର ପ୍ରୟାସ।

ଓଡ଼ିଶାର ସବୁବର୍ଗର ଲୋକଙ୍କୁ ଗଜପତି ଏକାଠି କରିବାକୁ ପଦକ୍ଷେପ ନେଇଥିଲେ। ନଇଲେ ଭଞ୍ଜକୁଳର ଚନ୍ଦ୍ରମା ମୟୂରଭଞ୍ଜର ରାଜା ଶ୍ରୀଚକ୍ରଧର ଭଞ୍ଜ ୧୦୦ ଖ୍ଟିଂ ପଥର ପଠାଇଥାନ୍ତେ କାହିଁକି!


ବିଶ୍ୱନାଥ ମୁଣ୍ଡିଆ ଏବଂ ଏହାର ନିକଟରେ ଏବେ ସ୍ଥାପିତ ମନ୍ଦିର।
(ଫଟୋ: ରଶ୍ମିରଞ୍ଜନ ପ୍ରଧାନ, ଡେଲାଙ୍ଗ)

ଏହି ପଥର ମହାନଦୀ ଜଳପଥ ଦେଇ କୋଣାର୍କରେ ପହଞ୍ଚିଥିଲା। ଶହେ ପଥର ସହିତ ସେ ଶହେ ଖ୍ଟିଂର ଶିଳ୍ପୀ ମଧ୍ୟ ପଠାଇଥିଲେ। ଚାପବାହାକଙ୍କୁ ସମ୍ମାନର ସହ ଏକଯୋଡ଼ା ଲେଖାଏଁ ଧୋତି ଦିଆଯାଇଥିଲା କୋଣାଦିତ୍ୟ ଭଣ୍ଡାରରୁ।

ସେ ସମୟରେ ପର୍ଯ୍ୟଙ୍ଗ ଅଞ୍ଚଳ କହିଲେ ମହାନଦୀଠାରୁ ଡେଲାଙ୍ଗ ଅଞ୍ଚଳ ଦେଇ ଚିଲିକା ପର୍ଯ୍ୟନ୍ତ ବୁଝାଯାଉଥିଲା। ଅଞ୍ଚଳର ନାୟକଙ୍କୁ 'ପର୍ଯ୍ୟଙ୍ଗ ନାୟକ' କୁହାଯାଉଥିଲା। ସେ ଜଗଦଳ ପାହାଡ଼ରୁ ପଠାଇଲେ ୬୦ ହଜାର ୩୮୨ ଖଣ୍ଡ ପଥର, ଦୁଇଜଣ ବୋହିପାରୁଥିବା ପଥରଖଣ୍ଡ। ଆମେ ଜଗଦଳପାହାଡ଼ ଅନୁସନ୍ଧାନରେ ଯାଇଥିଲୁ। ଏହି ପଥର ନିଶ୍ଚିତ ଦୟାନଦୀ ଜଳପଥରେ ଆସିଥିବ ଆମର ବିଶ୍ୱାସ ହେଲା। ବିରାଟ ପାହାଡ଼ ଥିଲା। ଚାରିପଟୁ ପଥରକଟା ଆଜି ବି ଚାଲିଛି। ପାହାଡ଼ର ଉତ୍ତର-ପଶ୍ଚିମ କୋଣ ଦେଇ ଦୟାନଦୀ ପ୍ରବାହିତ। କୋଣାର୍କକୁ ପଥର ଆସିବାରେ ଏହା ଥିଲା ସପ୍ତମ ସ୍ଥାନ।

ନରସିଂହଦେବଙ୍କ ୭ମ ଅଙ୍କରେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା। ୯ମ ଅଙ୍କରେ କେରାଣ୍ଡିମାଳରୁ ପଥର ଆସିଲା ଋଷିକୂଲ୍ୟା ନଦୀପଥରେ। ସାତଶହ ପଥର ଚାପ ଏବଂ ନୌକାରେ ଆସିଥିଲା କୋଣାର୍କକୁ।

ଜଗଦଳପାହାଡ଼ ଏବେ ବିଶ୍ୱନାଥ ପାହାଡ଼ ଭାବରେ ପରିଚିତ ହେଉଛି। ହାରାହାରି ଆଠଶହ ବର୍ଷ ମଧ୍ୟରେ ପାହାଡ଼କୁ ଏକ ମୁଣ୍ଡିଆ ସ୍ତରକୁ ଆମେ ଆଣି ପହଞ୍ଚେଇ ଦେଇଛେ। ପାହାଡ଼ ତଳେ ଥିବା ଗାଁର ନାମ ଏବେ ବି ଜଗଦଳପୁର ଅଛି। ବିଶ୍ୱନାଥ ପାହାଡ଼ରୁ ପୁଣି ଥରେ ୭୦ଟି ଆବୁଡ଼ାଖାବୁଡ଼ା ପଥର ଆସିଥିଲା। ପୋଥିରେ ସ୍ପଷ୍ଟ ଲେଖାଯାଇଛି- ଦୟାନଦୀରେ ଚାପ ଥିଲା। ଚାପ ଦଳେଇ ସେଗୁଡ଼ିକୁ ଚାପରେ ଲଦି ମହାନଦୀକୁ ଆଣିବା ପରେ କୋଣାର୍କ ଅଭିମୁଖେ ଆସିଥିଲା।

ମହାନଦୀରୁ ପଥରବୋଝେଇ ଚାପ ସୋଲ ନଦୀ ଗଣ୍ଡରେ ପହଞ୍ଚିଥିଲା। ସେଇ ଗଣ୍ଡରୁ ଏକ ଉଦିପୁର ଦଣ୍ଡା (କେନାଲ) କୋଣାର୍କ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିଲା। କେନାଲ ଦେଇ ପଥର ପହଞ୍ଚିବା ପରେ ଶଗଡ଼ିଆ ବୋହି ଆଣିଥିଲେ ପଥରଖଳାକୁ।

ପଥର ଆଣିବା ପାଇଁ ନରସିଂହପୁର ଗଡ଼କୁ (ବଡ଼ମ୍ବା-ନରସିଂହପୁର) ଯାଇଥିଲେ ମୁକୁନ୍ଦ ମହାପାତ୍ର ଓ ରାଧୁ ପଥୁରିଆ। ନରସିଂହପୁର ବଣଜଙ୍ଗଲ ଘେରା ଖଣିରୁ ପଥର ପଠାଇବା ପାଇଁ ସେଠାକାର ପଥରକଟୁଆଳଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଥିଲା। ବଡ଼ମ୍ବା-ନରସିଂହପୁରର ବାଣେଶ୍ୱର ନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବଡ଼ ବଡ଼ ପଥର ଆସିଥିଲା। ବଡ଼ ପଥର କାଟିବା ପାଇଁ ସ୍ୱତନ୍ତ୍ର ସୁନାମାଡ଼ ମଧ୍ୟ ଖର୍ଚ୍ଚ ହୋଇଥିଲା।

ପଥର ଆସିଲାବେଳେ ଅଘଟଣ ବି ଘଟିଛି। ଅଠରହାତ ଲମ୍ବା ବଡ଼ ବଡ଼ ପଥର ସିଦ୍ଧିଦୁର୍ଗା ପାହାଡ଼ରୁ କଟାଯାଇ ଚାପରେ ଅଣାଯିବା ସମୟରେ ବାତ୍ୟା ଆରମ୍ଭ ହୋଇଯାଇଥିଲା। ଚାପଟି ନଦୀରୁ ବାହାରି କୋଣାର୍କକୁ ଲମ୍ବିଥିବା କେନାଲରେ ପହଞ୍ଚିଯିବା ପରେ ଚାପ ବୁଡ଼ିଗଲା। ବୁଡ଼ାଳିମାନେ ପଥରରେ ଦଉଡ଼ି ବାନ୍ଧି ତିନୋଟି ହାତୀ ଦ୍ୱାରା ପଥରକୁ ଉପରକୁ ଉଠେଇଥିଲେ। ଗୋଟିଏ ଗୋଟିଏ ପଥରକୁ ଉଠେଇବା ଅତ୍ୟନ୍ତ କଷ୍ଟକର ଥିଲା। ତେଣୁ ଦଶ ଦିନ ଲାଗିଗଲା ସବୁ ପଥର କୂଳରେ ଲାଗିବାକୁ। ପାଣିରେ ପହଁରି ପହଁରି ଯାଇ ପାଣି ଭିତରକୁ ବୁଡ଼ି ପଥର ଚାରିପଟେ ଚଉକସ କରି ଦଉଡ଼ି ବାନ୍ଧିବା ସହଜ କଥା ନୁହେଁ। ଅସମ୍ଭବ ଲାଗୁଥିବା ଏହି କାର୍ଯ୍ୟକୁ ଯିଏ ସାହସର ସହିତ ତୁଲାଇଥିଲେ ସେ ଥିଲେ ଜଗୁନି ପଥୁରିଆ। ଧନ୍ୟ କହିବା ତାଙ୍କୁ।

